ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଜୁଲାଇ, ୨୦୨୩



## ସଂକ୍ଷେପରେ

### ୫୦ ସ୍ଥାନରେ ଲାଗିବ ୧୦୦୦ ଚାରା



ପରଜଙ୍ଗ, ୨୭।୭(ନିଗମାନନ୍ଦ ଦଳବେହେରା)-କାର୍ଗିଲ ବିଜୟ ଦିବସ ଉପଲକ୍ଷେ 'ଉର୍ଜା ଟ୍ରଷ୍ଟ' ତରଫରୁ ପରଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଦୀପକ କୁମାର ଗୋଚ୍ଛାୟତ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମିଶନ ଲାଇଫ୍' କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଗଷ୍ଟ ୧୫ ସୁଦ୍ଧା ୧ କୋଟି ଚାରା ରୋପଣ କରିବାକୁ ନିବେଦନ କରିଛନ୍ତି। ତଦନୁଯାୟୀ ଉର୍ଜା ଟ୍ରଷ୍ଟ ପକ୍ଷରୁ ୫୦ ସ୍ଥାନରେ ୧୦୦୦ ଚାରା ରୋପଣ କରାଯିବ। ଏଥିସହ ଗଛ ବଡ଼ ହେବା ପର୍ଯ୍ୟନ୍ତ ସେଗୁଡ଼ିକର ଯତ୍ନ ନିଆଯିବ। ବନୀକରଣ କାର୍ଯ୍ୟକ୍ରମକୁ ଜନଆନ୍ଦୋଳନରେ ପରିଣତ କରିବାକୁ ରାଜ୍ୟ ସାଧାରଣ ସମ୍ପାଦକ ଗୋଚ୍ଛାୟତ ଆହ୍ୱାନ ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟି ସଚ୍ଚିଦାନନ୍ଦ କବି, ଆକାଶ ଦଳବେହେରା, ଚିରଞ୍ଜୀବୀ ଜେନା, ରୁଦ୍ରନାରାୟଣ ଦଳବେହେରା, ଲୋକେଶ ଦଳବେହେରା, ପ୍ରଧାନ ଗୁରୁଜୀ ଉଦୟ ଦଳେଇ, ଗୁରୁଜୀ ରୂପକ ରଞ୍ଜନ ସାହୁ, ସାମାଜିକ କର୍ମୀ କମଳଲୋଚନ ଦାସ ପ୍ରମୁଖ ଯୋଗଦେଇଥିଲେ।

### କଲେଜ କର୍ମଚାରୀଙ୍କ ପରଲୋକ

ସାତମାଇଲ, ୨୭।୭(ସୁଶାନ୍ତ ପତି): ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଗବେଷଣାଗାର ସହାୟକ ବାଙ୍କନିଧି ଜେନାମଣିଙ୍କ ଗତ ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ବାଲିମୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୫୮ ବର୍ଷ ହୋଇଥିଲା। ସେ ପକ୍ଷାଘାତରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ଦେହାନ୍ତ ସମ୍ପର୍କରେ ସୂଚନା ପାଇବା ପରେ କଲେଜର ଅଧ୍ୟାପକ, କର୍ମଚାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗୁରୁବାର କଲେଜ ଅଧକ୍ଷ ଅଶୋକ ସାହୁଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।



ଜଣେ କର୍ତ୍ତବ୍ୟନିଷ୍ଠ, ମେଳାପୀ, ସରଳ, ଅମାୟିକ ବ୍ୟକ୍ତି ଭାବେ ବାଙ୍କନିଧି ସବୁବେଳେ ମନେରହିବେ ବୋଲି ମତପ୍ରକାଶ ପାଇଥିଲା। ରସାୟନ ବିଜ୍ଞାନ ମୁଖ୍ୟ ସୁକାନ୍ତ ପତି, ପଦାର୍ଥ ବିଜ୍ଞାନ ମୁଖ୍ୟ ଜୟନ୍ତ ନାରାୟଣ ପତି, କାର୍ଯ୍ୟାଳୟ ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁକମ୍ପା ରାଶିକୁ ଅପେକ୍ଷା

**ଦୁର୍ଘଟଣାରେ ଗଲା ଜୀବନ। ପରିବାର ହରାଇଲା ପ୍ରିୟଜନଙ୍କୁ। ରିପୋର୍ଟ ଲେଖାଗଲା। ପୋଲିସ ତଦନ୍ତ କଲା। ଏତେ ସବୁ ପରେ ବି ମୃତକଙ୍କ ପରିବାର ବଞ୍ଚିତ ହୋଇଛନ୍ତି ସରକାରୀ ଅନୁକମ୍ପା ରାଶିରୁ। ବ୍ୟବଚ୍ଛେଦ ଓ ତଦନ୍ତ ରିପୋର୍ଟ ହସ୍ତାନ୍ତର ପ୍ରକ୍ରିୟାରେ ଅହେତୁକ ବିଳମ୍ବ ପାଇଁ ଢେଙ୍କାନାଳ ଜିଲାର ୧୨ ପରିବାର ଦୁର୍ଘଟଣାଜନିତ କ୍ଷତିପୂରଣ ରାଶି ପାଇବା ନିମନ୍ତେ ୨ ବର୍ଷ ହେଲା ଅପେକ୍ଷା କରିଛନ୍ତି।**

ଢେଙ୍କାନାଳ, ୨୭।୭(ରତନ ନାୟାର)



ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିଙ୍କ ପରିବାରକୁ ରାଜ୍ୟ ସରକାର ଦେଉଛନ୍ତି ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)ଙ୍କ ପକ୍ଷରୁ ଏ ସମ୍ପର୍କିତ ଅର୍ଥରାଶି ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥାଏ। ବ୍ୟବଚ୍ଛେଦ ରିପୋର୍ଟ, ପୋଲିସ ତଦନ୍ତରୁ ଦୁର୍ଘଟଣା ବୋଲି ସ୍ପଷ୍ଟ ହେବା ପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଜରିଆରେ ଏହି ଅର୍ଥ ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା। ହେଲେ ଢେଙ୍କାନାଳ ଜିଲାରେ ୨ ବର୍ଷ ହେଲା ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ରିପୋର୍ଟ ଦାଖଲରେ ବିଳମ୍ବ କାରଣରୁ ୧୨ ମୃତକଙ୍କ ପରିବାର ଏହି ଅନୁକମ୍ପାମୂଳକ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି।

ଢେଙ୍କାନାଳ ଜିଲା ଦେଇ ଯାଇଥିବା ଦୁଇ ଜାତୀୟ ରାଜପଥ ୫୩ ଏବଂ ୫୫ରେ ଦୁର୍ଘଟଣା ଜୀବନ ନେଉଛି। ୨୦୨୩ ବର୍ଷରେ ଅଦ୍ୟାବଧି ଏହି କାରଣରୁ ୧୦୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଅନୁରୂପ ଭାବେ ବ୍ୟସ୍ତବହୁଳ ପୂର୍ତ୍ତ ବିଭାଗ ରାସ୍ତା ମଧ୍ୟ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ତେବେ ଅଜଣା ଗାଡ଼ି

- ଦୁର୍ଘଟଣାରେ ମୃତ୍ୟୁ ପରେ ପରିଜନ ଦୁର୍ଦ୍ଦିନରେ
- ବିଳମ୍ବିତ ହେଉଛି ବ୍ୟବଚ୍ଛେଦ, ତଦନ୍ତ ରିପୋର୍ଟ
- ୨ ବର୍ଷ ହେଲା ଆଶାରେ ଅଛନ୍ତି ୧୨ ପରିବାର

ଧକ୍କାରେ ଯଦି କାହାର ଆକସ୍ମିକ ମୃତ୍ୟୁ ଘଟେ ତା'ହେଲେ ଏଥିରେ ସିଧାସଳଖ ପ୍ରଭାବିତ ହୁଅନ୍ତି ସମ୍ପୃକ୍ତ ମୃତକଙ୍କ ପରିବାର। ଯଦି ବ୍ୟକ୍ତିଜଣକ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବେ, ତେବେ ଆର୍ଥିକ ଅବସ୍ଥା ଦୋହଲିଯିବା ସ୍ୱାଭାବିକ। ତେଣୁ ଏଭଳି ଦୁଃଖଦ ପରିସ୍ଥିତିର ମୁକାବିଲା କରିବା ଲାଗି ରାଜ୍ୟ ସରକାର ଅଜଣା ଗାଡ଼ି ଧକ୍କାରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ବ୍ୟବସ୍ଥା କରିଛନ୍ତି। ହେଲେ ଏଥିରେ ପୋଲିସ ତଦନ୍ତ ରିପୋର୍ଟ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଅଡୁଆ ସୃଷ୍ଟି କରୁଛି। କାରଣ ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ଜିଲାର ବିଭିନ୍ନ ବ୍ୟବଚ୍ଛେଦ କେନ୍ଦ୍ରରେ ମୃତଦେହର ପୋଷ୍ଟମର୍ଟମ କରାଯାଇଥାଏ। ସଙ୍କଟାପନ୍ନ ଅବସ୍ଥାରେ ଆହତଙ୍କୁ ଅନେକ ସମୟରେ କଟକ କିମ୍ବା ଭୁବନେଶ୍ୱର ମଧ୍ୟ ସ୍ଥାନାନ୍ତର କରିବାକୁ ପଡୁଛି। ଅନେକ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସେମାନଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ଫଳରେ ଉକ୍ତ ଅଞ୍ଚଳର ଥାନା ଏବଂ ମେଡିକାଲରୁ ରିପୋର୍ଟ ମିଳିବାରେ ମାସ ମାସ ଲାଗିଯାଉଛି। ବିଶେଷ କରି କଟକ ଏସ୍‌ସିବି ମେଡିକାଲ କଲେଜରୁ ବହୁ ବିଳମ୍ବରେ ରିପୋର୍ଟ ଆସୁଛି। ମୃତକଙ୍କ ପରିବାର ବିଭିନ୍ନ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏପରି କି ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଥାନାକୁ ପତ୍ର ଲେଖି ଅବଗତ କରାଯିବା ସତ୍ତ୍ୱେ ପୋଲିସ ଏହାକୁ ଗୁରୁତ୍ୱ ଦେଉନାହିଁ। ସ୍ଥଳବିଶେଷରେ ଥାନାରୁ ସହଯୋଗ ମିଳୁ ନ ଥିବା ଅଭିଯୋଗ ହେଉଛି। ଗତ ମଙ୍ଗଳବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା, ଯାହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଥିଲେ ଜିଲାପାଳ ସରୋଜ କୁମାର ସେଠୀ। ସମ୍ପୃକ୍ତ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବା ଲାଗି ଜିଲାପାଳ ସେଠୀ ଅତିରିକ୍ତ ଏସ୍‌ପି, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର କୁହନ୍ତି, ଏଭଳି ୧୨ ମାମଲା ରହିଛି। ବ୍ୟବଚ୍ଛେଦ ଓ ତଦନ୍ତ ରିପୋର୍ଟ ମିଳିବାରେ ବିଳମ୍ବ ହେଉଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଥାନାଗୁଡ଼ିକୁ ବାରମ୍ବାର ଚିଠି ଲେଖାଯାଉଛି। ତଥାପି ରିପୋର୍ଟ ପହଞ୍ଚୁନାହିଁ। ଏ ସମ୍ପର୍କରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିଙ୍କ ବ୍ୟବଚ୍ଛେଦ ଓ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାର ସମସ୍ତ ଥାନାଧିକାରୀଙ୍କୁ ଜଣାଇ ଦିଆଯାଇଛି।

## କପିଳାସ ପୀଠ ମରାମତି ପାଇଁ ଏଏସ୍‌ଆଇକୁ ଚିଠି



ଢେଙ୍କାନାଳ, ୨୭।୭(ରତନ ନାୟାର)

ବିଶ୍ୱପ୍ରସିଦ୍ଧ ଶୈବକ୍ଷେତ୍ର ତଥା କପିଳାସ କ୍ଷେତ୍ରାଧିପତି ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ମନ୍ଦିର ଗର୍ଭଗୃହ, ମା' ପାର୍ବତୀଙ୍କ ମନ୍ଦିର ମରାମତି ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ପ୍ରଶାସନ ପକ୍ଷରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ଚିଠି ଲେଖାଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଦ୍ୱାଦଶ ଶତାବ୍ଦୀର ଏହି ପ୍ରାଚୀନ ମନ୍ଦିରରୁ ପାଣି ଗଳୁଛି। ପୀଠ ଦୁର୍ବଳ ହେବାରେ ଲାଗିଛି। ତେଣୁ ଏହାର ମରାମତି କରିବା ଲାଗି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ଏଏସ୍‌ଆଇକୁ ପତ୍ରଲେଖି ଅବଗତ କରାଯାଇଛି। ସୂଚନାଯୋଗ୍ୟ, ଏଏସ୍‌ଆଇର ମନମୁଖି କାର୍ଯ୍ୟ ପାଇଁ କପିଳାସ ପୀଠରେ ସୁରକ୍ଷାକୁ ନେଇ ବିପଦ ସୃଷ୍ଟି ହୋଇଛି। ଜନପ୍ରତିନିଧି, ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ମନ୍ଦିର ମରାମତି ଲାଗି ଦୃଷ୍ଟି ଦେଉନାହାନ୍ତି। ନିକଟରେ ଜିଲାପାଳ ସରୋଜ ସେଠୀ ରାତିରେ ପୀଠ ପରିଦର୍ଶନ କରି ବାସ୍ତବ ସ୍ଥିତି ପରଖିଥିଲେ।

# ୨୫ ଲକ୍ଷର ଜେନେରେଟର ପରିତ୍ୟକ୍ତ






ପରିତ୍ୟକ୍ତ ଅବସ୍ଥାରେ ଥିବା ଜେନେରେଟର।

ଢେଙ୍କାନାଳ, ୨୭।୭(ରତନ ନାୟାର)

ଢେଙ୍କାନାଳ ବାଜିଚୌକସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ଷଣାବେକ୍ଷଣ ଅଭାବରୁ ୨୫ ଲକ୍ଷ ଟଙ୍କାର ଦୁଇଟି ବଡ଼ ଜେନେରେଟର ଖତ ଖାଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

୨୦୧୯ରେ କରୋନା ମହାମାରୀ ସମୟରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ କୋଭିଡ୍ ରୋଗୀଙ୍କ ଚିକିତ୍ସା ଲାଗି ବ୍ୟବହାର କରାଯାଇଥିଲା।

### ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ଏଠାରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବା ଲାଗି ରାଜ୍ୟ ସରକାରଙ୍କ ଅନୁଦାନ ଅର୍ଥରେ ସାଢ଼େ ୧୨ ଲକ୍ଷ ଟଙ୍କା ଲେଖାଏ ବିନିମୟରେ ୨ଟି ଜେନେରେଟର ଅଣାଯାଇଥିଲା। କୋଭିଡ୍ ସ୍ଥିତି ସ୍ୱାଭାବିକ ହେବା ପରେ ଏହାକୁ ବିଭାଗୀୟ କର୍ତ୍ତୃପକ୍ଷ ଭୁଲିଯାଇଛନ୍ତି। ଫଳରେ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ଦୁଇ ଜେନେରେଟର ଚାରିପଟେ ଗଛଲତା ମାଡ଼ି ଗଲାଣି। ଆବର୍ଜନାମୟ ସ୍ଥାନରେ ପଡ଼ି ପଡ଼ି ଏହା ନଷ୍ଟ ହେବାକୁ ବସିଛି। ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। କେବଳ ଜେନେରେଟର ନୁହେଁ, କୋଭିଡ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ଫ୍ୟାନ୍, ଏସି ମଧ୍ୟ ରକ୍ଷଣାବେକ୍ଷଣ କରାଯାଉନାହିଁ। ତେଣୁ ସେଗୁଡ଼ିକ କିଭଳି ସ୍ଥିତିରେ ଅଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅଶୋକ କୁମାର ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କୁହନ୍ତି, ଥରେ ବଣବୁଦା ସଫା କରାଯାଇଥିଲା। ପୁଣି ଜେନେରେଟର ଥିବା ସ୍ଥାନରେ ଗଛଲତା ମାଡ଼ିଗଲାଣି। ଏହାକୁ ସଫା କରାଯିବ। ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଜେନେରେଟର ରହିଛି। ତେଣୁ ଉକ୍ତ ଦୁଇଟି ଜେନେରେଟରକୁ ପୁରୁଣା ଜିଲା ଚିକିତ୍ସାଳୟରେ ରଖାଯାଇଛି। ନିକଟ ଭବିଷ୍ୟତରେ ସେଠାରେ ମାନସିକ ରୋଗୀଙ୍କ ପାଇଁ ୟୁନିଟ୍ ଖୋଲାଯିବାକୁ ପ୍ରସ୍ତାବ ରହିଛି। ଏହା ସେତେବେଳେ କାମରେ ଆସିବ ବୋଲି ସିଡିଏମ୍‌ଓ କହିଛନ୍ତି।

## 'ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ବୁଝ'

ଢେଙ୍କାନାଳ, ୨୭।୭(ରତନ ନାୟାର)

ଢେଙ୍କାନାଳ ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଗଁଦିଆ ବ୍ଲକ ଯୋରନ୍ଦା ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଏକଦିବସୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ ଯୋଗଦେଇ କହିଲେ, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ବୁଝିବା ମା'ବାପା ଏବଂ ଶିକ୍ଷକଙ୍କ ପ୍ରଥମ ଦାୟିତ୍ୱ। ତଦନୁଯାୟୀ ଶିକ୍ଷାଦାନ କଲେ ସୁଫଳ ମିଳିବ। ସଂଯୋଜିକା ଶୁଭଲକ୍ଷ୍ମୀ ସାହୁ, ବାସନ୍ତୀ ସାହୁ, ବିଆର୍‌ଟି ବିଜୟ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ରାଉତ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୃଥ୍ୱୀରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୫୪ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।



ଉତ୍ତରପ୍ରଦେଶର ଗ୍ରେଟର ନୋଏଡାଠାରେ ଅନୁଷ୍ଠିତ ୟୁଥ୍ କମନ୍‌ୱେଲଥ ଗେମ୍‌ସ ଭାରୋତ୍ତୋଳନ ପ୍ରତିଯୋଗିତାରେ ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ହୃଦାନନ୍ଦ ଦାସ ୭୩ କେ.ଜି. ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କୁ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ଗୁରୁବାର ସମ୍ବର୍ଦ୍ଧିତ କରୁଛନ୍ତି।

# ଆନୁଷଙ୍ଗିକ କୃଷି ଉପରେ ଗୁରୁତ୍ୱ

ଢେଙ୍କାନାଳ, ୨୭।୭(ରତନ ନାୟାର)

ଢେଙ୍କାନାଳ ମହିଷାପାଟସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗୁରୁବାର 'ପିଏମ୍ କିଷାନ ସମ୍ମାନ ସମ୍ମେଳନ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଚାଷରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ଲାଗି ଆନୁଷଙ୍ଗିକ କୃଷି ଉପରେ ଗୁରୁତ୍ୱ ଦେବାକୁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ପରାମର୍ଶ ଦେଇଥିଲେ। ଏଥିସହ ନାନୋ ୟୁରିଆ ବ୍ୟବହାର, ଫସଲ ବିବିଧୀକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

 କ୍ଷେତ୍ର ବୈଜ୍ଞାନିକ ଶ୍ରୀକାନ୍ତ କୁମାର ସାହୁ ଧାନଚାଷରେ ସାର ପରିଚାଳନା,

### ପିଏମ୍ କିଷାନ ସମ୍ମାନ ସମ୍ମେଳନ

ମାଟି ପରୀକ୍ଷା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ବନ ବିଭାଗ ବିଶେଷଜ୍ଞ ଶେଫାଳି ରାଉତ କୃଷି ବନୀକରଣ ଓ ଅନ୍ତଃଫସଲ ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ସମ୍ପ୍ରସାରଣ ବିଶେଷଜ୍ଞ ଡ. ରୋଜାଲିନ ମହାନ୍ତି କହିଲେ, ଏସ୍‌ଏଚ୍‌ଜିଗୁଡ଼ିକ ଚାଷକୁ ରୋଜଗାରର ପନ୍ଥା କଲେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ। ଉଦ୍ୟାନ ବିଭାଗର ବୈଜ୍ଞାନିକ ଡ. ଦିବ୍ୟସୁନ୍ଦର କର ଉନ୍ନତ କିସମର ପରିବା ଚାଷ, ଫସଲର ପ୍ରକ୍ରିୟାକରଣ ସମ୍ପର୍କରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। କ୍ଷେତ୍ର ପରିଚାଳିକା ସ୍ୱର୍ଣ୍ଣ ସାଗରିକା ବେହେରା, ନୀହାର ରଞ୍ଜନ ବରାଳ, ବିରଜା ପ୍ରସାଦ ଜେନା, ସୌମ୍ୟାଶ୍ରୀ ସ୍ୱାଇଁ, ଅମ୍ଳାନଜ୍ୟୋତି ଖୁଣ୍ଟିଆ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପିଏମ୍ କିଷାନ ସମ୍ମାନ ନିଧି' ଯୋଜନାରେ ୧୪ତମ କିସ୍ତି ପ୍ରଦାନ କରିଛନ୍ତି। ଏହାଦ୍ୱାରା ଦେଶର ସାଢ଼େ ୮ କୋଟି ଚାଷୀ ଉପକୃତ ହୋଇଛନ୍ତି। 'ପିଏମ୍ କିଷାନ ସମ୍ମାନ ନିଧି'ର ଆଭିମୁଖ୍ୟ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଇବା ଲାଗି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।



# ପୋଲିସ ପଛରେ ପୋଲିସ

ଢେଙ୍କାନାଳ, ୨୭।୭(ରତନ ନାୟାର)




- ରାଜସ୍ୱ ସହାୟକଙ୍କୁ ଆକ୍ରମଣ କରି ନିଲମ୍ବିତ ହାବିଲଦାର ଫେରାର
- ଅନୁକମ୍ପା ଦେଖାଉଥିଲେ, ଉପରୁ ଚାପ ପଡ଼ିବା ପରେ ଗିରଫ ନିର୍ଦ୍ଦେଶ

ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହାୟକ ଢେଙ୍କାନାଳ ଜିଲା ପୋଲିସରେ କାର୍ଯ୍ୟରତ ଜଣେ ହାବିଲଦାରଙ୍କ ଦ୍ୱାରା ଆକ୍ରମଣର ଶିକାର ହେଲେ। ଶୃଙ୍ଖଳା ଦାୟିତ୍ୱରେ ଥିବା ଜଣେ ପୋଲିସ କର୍ମଚାରୀଙ୍କ ଏଭଳି କାର୍ଯ୍ୟକଳାପ ଖାକିରେ ବୋଳିଲା କଳଙ୍କ ଛିଟା। ଏହି ଘଟଣାରେ ତହସିଲଦାରଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହେଲା। ହେଲେ ହାବିଲଦାରଙ୍କୁ ନିଲମ୍ବିତ କରି ଦାୟିତ୍ୱ ଖସାଇନେଲା ପୋଲିସ। ଏହାର ସୁଯୋଗରେ ଫେରାର ହୋଇଗଲେ ଅଭିଯୁକ୍ତ। ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ରାଜ୍ୟସ୍ତରରୁ ଚାପ ପଡ଼ିଛି। ଫଳରେ ସମ୍ପୃକ୍ତ ହାବିଲଦାରଙ୍କୁ ଗିରଫ କରିବାକୁ ଢେଙ୍କାନାଳ ପୋଲିସ ଖୋଜାଖୋଜି ଆରମ୍ଭ କରିଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ୫ରେ ଅପରାହ୍ନ ୨ଟା ୫୦ରେ ରିଜର୍ଭ ପୋଲିସ ଲାଇନର ହାବିଲଦାର ମକରଧ୍ୱଜ ମୁଣ୍ଡା ଜାତିଗତ ମିସ୍‌କେସ ପ୍ରମାଣପତ୍ର ପାଇଁ ସଦର ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। କନିଷ୍ଠ ରାଜସ୍ୱ ସହାୟକ ମଳୟ ନାୟକଙ୍କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ଚାପ ପକାଇଥିଲେ। ଅଧିକାରୀ ଜଣକ ବାରଣ କରିବାରୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ସୋସିଆଲ ମଡିଆରେ ଏହାର ଫଟୋ, ଭିଡିଓ ପ୍ରଘଟ ହେବା ପରେ ଏହାକୁ ନେଇ ରାଜ୍ୟ ବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ଘଟଣାରେ ତହସିଲଦାର ସୁଧାଂଶୁ ଶେଖର ସାଓଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ନଂ. ୪୭୦/୨୩ରେ ମାମଲା ରୁଜୁ ହୋଇଥିଲା। ଏହାପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ହାବିଲଦାରଙ୍କୁ ନିଲମ୍ବିତ କରାଯାଇଥିଲା। ହେଲେ ତାଙ୍କୁ ଗିରଫ କରାଯାଇ ନ ଥିଲା। ଫଳରେ ଆଇନ ହାତକୁ ନେଇଥିବା ହାବିଲଦାରଙ୍କୁ ବିଭାଗ ପକ୍ଷରୁ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଚର୍ଚ୍ଚା ହୋଇଥିଲା। ତେବେ ରାଜ୍ୟ ପଦାଧିକାରୀ ଏଭଳି ସମ୍ବେଦନଶୀଳ ଘଟଣାରେ ପୋଲିସ କାର୍ଯ୍ୟକଳାପରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ମାମଲାରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ହସ୍ତକ୍ଷେପ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ଡିଆଇଜି ଅଭିଯୁକ୍ତ ହାବିଲଦାରଙ୍କୁ ଗିରଫ କରିବା ଲାଗି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତଦନୁଯାୟୀ ୩ଦିନ ମଧ୍ୟରେ ଅଭିଯୁକ୍ତ ହାବିଲଦାରଙ୍କୁ ଧରିବା ଲାଗି ଟାଉନ୍ ଥାନାଧିକାରୀଙ୍କୁ ଏସ୍‌ପି କହିଛନ୍ତି। ଅନ୍ୟପଟେ ନିଲମ୍ବିତ ହାବିଲଦାରଙ୍କ କୌଣସି ସନ୍ଧାନ ମିଳୁନାହିଁ। ତାଙ୍କୁ ଠାବ କରିବା ଲାଗି ଏକ ପୋଲିସ ଟିମ୍ ଖୋଜାଖୋଜି ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ଚେଷ୍ଟା ଚାଲିଛି। ଅଭିଯୁକ୍ତ ହାବିଲଦାରଙ୍କୁ ଖୁବଶୀଘ୍ର ଧରିବୁ ବୋଲି କହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ।

ସୂଚନାଯୋଗ୍ୟ, ଇତିମଧ୍ୟରେ ମଳୟଙ୍କୁ କାମାକ୍ଷାନଗର ତହସିଲକୁ ବଦଳି କରାଯାଇଛି।

## ସଂକ୍ଷେପରେ

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ):** ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରୁ ଚୋରି ହୋଇଛି। ଏ ନେଇ ମହିଳା ରୀତାଞ୍ଜଳି ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୪୫/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଗତ ୨୨ ତାରିଖରେ ମହିଳାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ସେ ଦୁଇ ପିଲାଙ୍କ ସହ ଶୋଇଥିଲେ। କେହି ଦୁର୍ବୃତ୍ତ ତାଙ୍କ ଘର କବାଟ ଭାଙ୍ଗି ୫ ହଜାର ଟଙ୍କା ସହ ରୁପା ଅଳଙ୍କାର ଚୋରି କରି ନେଇଛନ୍ତି।

### ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି

**କଣିହାଁ, ୨୭।୭ (ସଚିଦାନନ୍ଦ ପ୍ରଧାନ):** ଏନ୍‌ଟିପିସି ଥାନା କରଡ଼େଇ ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି ହୋଇଛି। ଏ ନେଇ ଅଙ୍ଗନୱାଡ଼ି କେନ୍ଦ୍ରର ମହିଳା ସୁଲଚନା ନାଏକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୦୨/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ କହିଛି, ଗତ ୨୪ ତାରିଖ ବିଳମ୍ବିତ ରାତିରେ ଅଙ୍ଗନୱାଡ଼ି କେନ୍ଦ୍ରରେ ପଶି କେହି ଦୁର୍ବୃତ୍ତ ଗ୍ୟାସ ଚୁଲା, ସିଲିଣ୍ଡର, ପ୍ରେସରକୁକର, ବାଲ୍ଟି, ଡେକଚି ଓ ଚାଉଳ ଚୋରି କରିଛନ୍ତି। ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ନାଲ୍‌କୋ ଅଚଳାବସ୍ଥା ଦୂର ପାଇଁ ଦାବିପତ୍ର

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ତାଳଚେର ବ୍ଲକ ଗୋବରା, କର୍ଣ୍ଣପୁର, ବଡ଼ଯୋରଡ଼ା, ଡଅଁରା ଓ ପଦ୍ମାବତୀପୁର ପଞ୍ଚାୟତର ନାଲ୍‌କୋ ରେଲୱେ ଲାଇନ୍ ଓ ଆଶ୍ ପାଇପ୍ ଲାଇନ୍ କ୍ଷତିଗ୍ରସ୍ତ ଆନ୍ଦୋଳନ ଚଳାଇଥିବାରୁ ନାଲ୍‌କୋର ଲିଙ୍କ୍‌ସ୍ଲୁରି ପ୍ରୋଜେକ୍ଟ ଅଚଳ ହୋଇପଡ଼ିଛି। ଫଳରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇବା ସହ ନାଲ୍‌କୋର ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ରରେ କିଛିଦିନ ହେଲା ଅଚଳାବସ୍ଥା ଦେଖାଦେଇଛି। ତେବେ କ୍ଷତିଗ୍ରସ୍ତଙ୍କ ଦାବି ପୂରଣ ସହ ଅଚଳାବସ୍ଥା ଦୂର କରିବାକୁ ଜିଲାପରିଷଦ ଜୋନ୍ ନଂ. ୨୦ର ସଦସ୍ୟ ରୀତାରାଣୀ ସାହୁ ଗୁରୁବାର ଦାବି କରିଛନ୍ତି। ଏ ନେଇ ସେ ନାଲ୍‌କୋ ଇଡିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ସାହୁ ଦର୍ଶାଇଛନ୍ତି, ୨୦୧୮ ମେ ୨୨ରେ ତତ୍କାଳୀନ ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜମିହରା ପ୍ରଜାମାନେ ୫ ଶହ କ୍ଷତିଗ୍ରସ୍ତଙ୍କୁ ଠିକା ଶ୍ରମିକ ନିଯୁକ୍ତି ପାଇଁ ଦାବି କରିଥିଲେ। ତେବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ହସ୍ତକ୍ଷେପ କରି ନାଲ୍‌କୋ କର୍ତ୍ତୃପକ୍ଷ ଓ ତାଳଚେର ସୁରକ୍ଷାମଞ୍ଚ



ନାଲ୍‌କୋ ଇଡିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସଭାପତିଙ୍କ ଉପସ୍ଥିତିରେ କ୍ଷତିଗ୍ରସ୍ତଙ୍କୁ ବୁଝାଶୁଝା କରି ୧୫୦ ଜଣଙ୍କୁ ନିଯୁକ୍ତି ପାଇଁ ଦାବି କରିଥିଲେ। ଏହାପରେ ୮୦ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ସେବେଠାରୁ ବାକି ୭୦ ଜଣଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଏ ନେଇ ବାରମ୍ବାର ଜମିହରାମାନେ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ଅଦ୍ୟାବଧି ନିଯୁକ୍ତି ମିଳି ନ ଥିବାରୁ କ୍ଷତିଗ୍ରସ୍ତମାନେ ତାଳଚେର ସୁରକ୍ଷାମଞ୍ଚଙ୍କ ଜରିଆରେ ଆନ୍ଦୋଳନ ଡାକରା ଦେଇଛନ୍ତି। ଫଳରେ ନାଲ୍‌କୋରୁ ବାହାରୁଥିବା ପାଉଁଶ ଲିଙ୍କ୍‌ସ୍ଲୁରି ପ୍ରୋଜେକ୍ଟ ଜରିଆରେ ତାଳଚେରସ୍ଥିତ କୋଇଲା ଖଣିରେ ପଡ଼ିପାରୁ ନାହିଁ। ତେଣୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ୭୦ ଜଣଙ୍କୁ ତୁରନ୍ତ ନିଯୁକ୍ତି, ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପ୍ରାପ୍ୟ ପ୍ରଦାନ, କାର୍ଯ୍ୟରତ ଠିକା ଶ୍ରମିକଙ୍କୁ ୬୦ ବର୍ଷ ହେଲା ପରେ ମଧ୍ୟ ତାଙ୍କ ପରିବାରରୁ ଆଉ ଜଣଙ୍କୁ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ହେଲେ ଏ ଅଚଳାବସ୍ଥା ଦୂର ହେବ ବୋଲି ଜିଲାପରିଷଦ ସଦସ୍ୟ ସାହୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଗୋବରା ସରପଞ୍ଚ ଧୀରେନ କୁମାର ପ୍ରଧାନ, ସମିତି ସଭ୍ୟା ରଶ୍ମିତା ପ୍ରଧାନ, କର୍ଣ୍ଣପୁର ସମିତି ସଭ୍ୟ ପ୍ରଦୀପ ବେହେରା, ବଡ଼ଯୋରଡ଼ା ସରପଞ୍ଚ ନନ୍ଦ କିଶୋର ବେହେରା, ପଦ୍ମାବତୀପୁର ସରପଞ୍ଚ ମହର୍ଗା ବେହେରା, ସମିତି ସଭ୍ୟ ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଯୌତୁକ ନିର୍ଯାତିତା

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ)**

ବିବାହର ୬ ମାସ ପରଠାରୁ ଯୌତୁକ ପାଇଁ ଶାଶୁ, ଶ୍ୱଶୁର ଓ ସ୍ୱାମୀ ମାରପିଟ କରୁଛନ୍ତି। ଏପରି କି ବାପ ଘରେ ଆଣି ଛାଡି ଦେଇଛନ୍ତି। ଶାଶୁଘରକୁ ଯିବା କଥା କହିଲେ ସ୍ୱାମୀ ଗାଳିଗୁଲଜ କରୁଛନ୍ତି। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ନ୍ୟାୟ ମିଳୁନାହିଁ। ଫଳରେ ସେ ମାନସିକ ଚାପରେ ଥିବା ସହର ଉପକଣ୍ଠ ତୁରଙ୍ଗ ଗ୍ରାମର ନମିତା ବେହେରା ଗୁରୁବାର ଏସ୍‌ପିଙ୍କ ନିକଟରେ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗରେ ନମିତା ଦର୍ଶାଇଛନ୍ତି, ରେଙ୍ଗାଳି ଥାନା କୁଲାବିରା ଗ୍ରାମର ସଚିନ ବେହେରାଙ୍କୁ ସେ ଭଲପାଉଥିଲେ। ବର୍ଷେ ତଳେ ମୂଷାପାପୁଲି ଶିବ ମନ୍ଦିରରେ ସେମାନଙ୍କ ବିବାହ ହୋଇଥିଲା। କିଛି ମାସ ବୈବାହିକ ଜୀବନ ଠିକ୍‌ଠାକ ଥିଲା। ହେଲେ ୬ ମାସ ହେବ ସଚିନ ଓ ଶାଶୁଘର ଲୋକେ ଯୌତୁକ ବାବଦକୁ ଟଙ୍କା ଆଣିବାକୁ ଚାପ ପକାଉଛନ୍ତି। ଏହାକୁ ବାରଣ କଲେ ମାରପିଟ୍ କରୁଛନ୍ତି। ଅନୁଗୋଳ ପୋଲିସ ପଦକ୍ଷେପ ନେଉ ନ ଥିବାରୁ ତୁରନ୍ତ ତାଙ୍କୁ ନ୍ୟାୟ ଦେବାକୁ ନମିତା ଏସ୍‌ପିଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି।

# ଜିଲା ପ୍ରଶାସନକୁ ଭେଟିଲେ ୧୬ ଶ୍ରମିକ ସଙ୍ଗଠନ

**ବଅଁରପାଳ, ୨୭।୭ (ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲାରେ ଥିବା ନାଲ୍‌କୋ ଏବେ ସଙ୍କଟ ଦେଇ ଗତି କରୁଛି। ତାଳଚେର ସୁରକ୍ଷା ମଞ୍ଚ ଦ୍ୱାରା ଆନ୍ଦୋଳନ ଯୋଗୁ ସିପିପିରୁ ପାଇପ୍‌ଲାଇନ୍‌ରେ ପାଉଁଶ ତାଳଚେରସ୍ଥିତ ଖଣିକୁ ଯାଇପାରୁ ନାହିଁ। ଫଳରେ ୧୦ ବିଦ୍ୟୁତ୍ ୟୁନିଟ୍‌ରୁ ୫ଟି କାର୍ଯ୍ୟକ୍ଷମ ଅଛି। ଏଥିଯୋଗୁ ଦୈନିକ ଆବଶ୍ୟକତା ମେଣ୍ଟାଇବା ପାଇଁ ନାଲ୍‌କୋ ଗ୍ରୀଡ୍‌ଠାରୁ ବିଦ୍ୟୁତ୍ କିଣୁଛି। ଏହି ସମସ୍ୟାର ସମାଧାନ ପାଇଁ ଗୁରୁବାର ୧୫ ଶ୍ରମିକ ସଙ୍ଗଠନକୁ ନେଇ ଗଠିତ ନାଲ୍‌କୋ କୋଅର୍ଡିନେଶନ କମିଟି ପକ୍ଷରୁ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ସନ୍ତୋଷ ପ୍ରଧାନଙ୍କୁ କମିଟି ଦାବିପତ୍ର ପ୍ରଦାନ କରିଛି। କମିଟି ଅଧ୍ୟକ୍ଷ ବନମାଳୀ ସେଠୀଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ବରିଷ୍ଠ ଶ୍ରମିକ ନେତା ବୈରାଗୀ ସେଠ, ବିଭବ ଜେନା, ଜିତେନ୍ଦ୍ର ଆଲକୋ, ରତ୍ନାକର ପରିଡା, ମନୋଜ ଅମାନ୍ତ, ମନୋଜ ସ୍ୱାଇଁ, ବିନୋଦ ସାମଲ, ମୁନା ସାମଲ, ଶ୍ରୀକାନ୍ତ ପ୍ରଧାନ, ବାବୁଲି ସେଠୀ, ପ୍ରଶ୍ନ ମହାନ୍ତି, ବାଇଧର ସାମଲ, ବିଭୂତି ମହାପାତ୍ର ପ୍ରମୁଖ ଦାବିପ୍ର ପ୍ରଦାନ କରିଥିଲେ।



ନାଲ୍‌କୋ କୋଅର୍ଡିନେଶନ କମିଟି କର୍ମକର୍ତ୍ତାମାନେ।

# ସରପଞ୍ଚଙ୍କ କାର୍ଯ୍ୟରେ ହସ୍ତକ୍ଷେପକୁ ନିନ୍ଦା



ମାରୱାଡ଼ି ଧର୍ମଶାଳାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ସରପଞ୍ଚମାନେ।

**ଅନୁଗୋଳ, ୨୭।୭ (ଅମିତ ସାମଲ)**

ଅନୁଗୋଳ ଜିଲାର ସମସ୍ତ ପଞ୍ଚାୟତର ସରପଞ୍ଚଙ୍କୁ ନେଇ ସ୍ଥାନୀୟ ମାରୱାଡ଼ି ଧର୍ମଶାଳାରେ ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସରପଞ୍ଚଙ୍କ କାର୍ଯ୍ୟରେ ମାତ୍ରାଧିକ ପ୍ରଶାସନିକ ହସ୍ତକ୍ଷେପକୁ ନିନ୍ଦା କରାଯାଇଥିଲା। ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ଶୀଘ୍ର ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପଞ୍ଚାୟତରେ ଜଣେ ଜେଇ, ସିଆର୍‌ଏସ୍ ଏବଂ ପିଇଓଙ୍କୁ ନିଯୁକ୍ତି ଦେବା, ପଞ୍ଚାୟତର ପ୍ରସ୍ତାବିତ ଉନ୍ନୟନ କାର୍ଯ୍ୟ ସରପଞ୍ଚଙ୍କ ଜ୍ଞାତସାରରେ କରିବା ପାଇଁ ଦାବି କରାଯାଇଥିଲା। ସ୍ଥାୟୀ କମିଟି ଚୟନ ନ ହେବା ଯାଏ ଦୁର୍ଯ୍ୟୋଧନ ସାହୁ କାର୍ଯ୍ୟ ତୁଲାଇବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ ଅନୁଗୋଳ, ଆଠମଲ୍ଲିକ, ବଅଁରପାଳ, ଛେଣ୍ଡିପଦା, କିଶୋରନଗର, ତାଳଚେର, କଣିହାଁ, ପାଲଲହଡ଼ା ବ୍ଲକର ସମସ୍ତ ସରପଞ୍ଚ ଯୋଗ ଦେଇଥିଲେ।

## ନୂତନ ଆଇଆଇସିଙ୍କ ଯୋଗଦାନ

**ଆଠମଲ୍ଲିକ, ୨୭।୭ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଥାନାରେ ବୁଧବାର ନୂତନ ଆଇଆଇସି ଭାବେ ସୁମିତ୍ରା ପାତ୍ର ଯୋଗ ଦେଇଛନ୍ତି। ଆଠମଲ୍ଲିକରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଦିଗରେ ଅଧିକ ଗୁରୁତ୍ୱର ସହ କାର୍ଯ୍ୟ କରିବେ ବୋଲି ଦାୟିତ୍ୱ ଗ୍ରହଣ ଅବସରରେ ନୂଆ ଆଇଆଇସି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଆଠମଲ୍ଲିକ ଥାନାରେ କାର୍ଯ୍ୟରତ ଥିବା ଆଇଆଇସି ନିରୋଦ କୁମାର ଦାସଙ୍କୁ ବନ୍ତଲା ଥାନାକୁ ବଦଳି କରାଯାଇଛି।



# ଶୂନ୍ୟ ସହନଶୀଳ ନୀତି ଉପରେ ଗୁରୁତ୍ୱ

**ବଅଁରପାଳ, ୨୭।୭ (ଉପେନ୍ଦ୍ର ରାଉତ)**

ନାଲ୍‌କୋ ଟ୍ରେନିଂ ସେଣ୍ଟର ଅଡିଟୋରିୟମରେ ଇସ୍ପାତ ଓ ବିଦ୍ୟୁତ୍ ସେକ୍ଟର ସୁରକ୍ଷା ବିଷୟ ଉପରେ ଏକ ଡିଭିଜନସ୍ତରୀୟ ସୁରକ୍ଷା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ କାରଖାନାର ପ୍ରାୟ ୨୫୦ ଅଂଶଗ୍ରହଣକାରୀ ଏବଂ ବିଭିନ୍ନ ଶିଳ୍ପରୁ ୪୦୦ ଜଣ ଅନ୍‌ଲାଇନ ମୋଡରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ କାରଖାନା ଓ ବଏଲର ନିର୍ଦ୍ଦେଶକ ଡ. ଏନ୍. ଥିରୁମାଲା ନାୟକ, ସମ୍ମାନିତ ଅତିଥି ଭାବେ ଶ୍ରମସଚିବ ଆର. ସନ୍ଥ ଗୋପାଳନ ଯୋଗ ଦେଇଥିଲେ। ନାଲ୍‌କୋ ଇଡି ଅମିୟ କୁମାର ସ୍ୱାଇଁ ନାଲ୍‌କୋ ଦ୍ୱାରା ଅନୁସରଣ କରାଯାଉଥିବା ସର୍ବୋତ୍ତମ ଅଭ୍ୟାସ ତଥା ନିରାପତ୍ତା କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ନିଯୋଜିତ ଶୂନ୍ୟ ସହନଶୀଳତା ନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ଟାଟାଷ୍ଟିଲ, ଜିଏମ୍‌ଆର୍, ଜେଏସ୍‌ପିଏଲ, ଏନ୍‌ଟିପିସି, ନବଭାରତ ଆଦି କମ୍ପାନୀ ଏଥିରେ ଅଂଶଗ୍ରହଣ କରିଥିଲେ। ଦୁର୍ଘଟଣା ହ୍ରାସ ଉପରେ ଖଡଗପୁର ଆଇଆଇଟି ପ୍ରଫେସର୍ ଓବି କୃଷ୍ଣ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଆର୍ଟ ଅଫ ଲିଭିଂ ତରଫରୁ ଦୀପକ ଚୌଧୁରୀଙ୍କ ଅଭିଭାଷଣକୁ ଅନୁଗୋଳ ଡିଭିଜନ କାରଖାନା ଏବଂ ବଏଲର ଡେପୁଟି ଡାଇରେକ୍ଟର ଡ. ରମେଶ ବେହେରା ଉଚ୍ଚ ପ୍ରଶଂସିତ କରିଥିଲେ। ଆସିଷ୍ଟାଣ୍ଟ ଡାଇରେକ୍ଟର ଅନୁଗୋଳ ଅର୍ଚ୍ଚନା ଦାଶ ଏବଂ ଆସିଷ୍ଟାଣ୍ଟ ଡାଇରେକ୍ଟର ଢେଙ୍କାନାଳ ପୁଷ୍ପମିତ୍ର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଡିଭିଜନସ୍ତରୀୟ ସୁରକ୍ଷା କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଶିଳ୍ପ ସଚେତନତା କର୍ମଶାଳା

**ବଅଁରପାଳ, ୨୭।୭ (ଉପେନ୍ଦ୍ର ରାଉତ)**

ବଅଁରପାଳ ବ୍ଲକ ଭୋଗବେରେଣି ପଞ୍ଚାୟତ କନ୍ଧୁପଲ୍ଲି ଗ୍ରାମରେ ଏକ ଶିଳ୍ପ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଶିଳ୍ପ ବିକାଶ ଅଧିକାରୀ ମଧୁସ୍ମିତା ଦାସ, ପ୍ରଶିକ୍ଷକ ରାମପ୍ରସାଦ ସାହୁ, ଭୋଗବେରେଣି ପଞ୍ଚାୟତ ଏମ୍‌ବିକେ ପ୍ରିୟଦର୍ଶନୀ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ପ୍ରାୟ ୩୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଉଦ୍ୟୋଗ କରି ଜୀବନ ଧାରଣରମାନକୁ ଉନ୍ନତ କରିବା ପାଇଁ ସରକାରଙ୍କ ସହଯୋଗ ବିଷୟରେ ଶିଳ୍ପ ବିକାଶ ଅଧିକାରୀ ଦାସ ବୁଝାଇଥିଲେ। ଏହି ଅବସରରେ କେନ୍ଦୁପଲ୍ଲିର ମହିଳା ଉଦ୍ୟୋଗୀ ସୁବର୍ଣ୍ଣଲା ମିଶ୍ରଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଏମ୍‌ବିକେ ପ୍ରିୟଦର୍ଶନୀ ତ୍ରିପାଠୀ ପଞ୍ଚାୟତରେ ମହିଳାମାନଙ୍କୁ ଉଦ୍ୟୋଗୀ କରିବା ପାଇଁ ଉପସ୍ଥିତ ସିଆର୍‌ପିମାନେ ସମସ୍ତ ସାହାଯ୍ୟ ଯୋଗାଇ ଦେବେ ବୋଲି ମତ ପ୍ରକାଶ କରିଥିଲେ।



ଶିଳ୍ପ ସଚେତନତା କର୍ମଶାଳାରେ ବିଭାଗୀୟ ଅଧିକାର ଓ ଅନ୍ୟମାନେ।

# ଦୁର୍ନୀତି ଅଭିଯୋଗର ଲୋକପାଳ ତଦନ୍ତ

**ବଇଣ୍ଡା, ୨୭।୭ (ପରିକ୍ଷିତ ସାହୁ)**

ଅନୁଗୋଳ ଲୋକପାଳ ବିଭୂତି ଭୂଷଣ ପଟ୍ଟନାୟକ ବୁଧବାର କିଶୋରନଗର ବ୍ଲକ ଧଉରାପାଲି ପଞ୍ଚାୟତ ଗସ୍ତ କରି ପାଣ୍ଡୁରୀପଥର ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ତଦନ୍ତ କରିଛନ୍ତି।

ଘଟଣାରୁ ଜଣାପଡ଼ିଛି, ଧଉରାପାଲି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ବିଶେଷକରି ପାଣ୍ଡୁରୀପଥର ଗ୍ରାମରେ ଏକ ପୋଖରୀ ଖୋଳାରେ ଶ୍ରମିକଙ୍କ ବଦଳରେ ମେଶିନରେ କାମ କରାଯାଇଥିଲା। ଏଥିସହ ମାଟିକୁ ପାଣ୍ଡୁରୀପଥର ଗ୍ରାମକୁ ଯାଇଥିବା ଏକ ରାସ୍ତାରେ ପକାଇ ମିଥ୍ୟାରେ ୩ ଲକ୍ଷ ଟଙ୍କା ବିଲ୍ ହଡ଼ପ କରାଯାଇଥିଲା। ଏ ପୂର୍ବତନ ସମିତିସଭ୍ୟ ସଞ୍ଜୟ ପ୍ରଧାନ ଗତ ୧ ତାରିଖରେ ଅନୁଗୋଳ ଲୋକପାଳଙ୍କଠାରେ ଅଭିଯୋଗ କରିଥିଲେ। ଲୋକପାଳ ପଟ୍ଟନାୟକ ଆସି ଏହାର ତଦନ୍ତ ଆରମ୍ଭ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ପ୍ରଶାସନ ସହାୟତାରେ ଏହି ଦୁର୍ନୀତି ହେଉଥିବା ପାଣ୍ଡୁରୀପଥର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ତଦନ୍ତ ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥୀ, ସରପଞ୍ଚ ସଞ୍ଜିତ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ତେବେ ଏହି ତଦନ୍ତ ପରେ ପଞ୍ଚାୟତିରାଜ ବିଭାଗର କେତେଜଣ କର୍ମଚାରୀ ଉକ୍ତ ଗ୍ରାମକୁ ସରକାରୀ ଯୋଜନାରେ ବିକାଶ କରାଇ ଦିଆଯିବ ନାହିଁ ବୋଲି ଧମକ ଦେଉଥିବା ପୂର୍ବତନ ସମିତିସଭ୍ୟ ସଞ୍ଜୟ ପ୍ରଧାନ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏ ନେଇ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରାଙ୍କୁ ଲୋକପାଳ ତଦନ୍ତ ସମ୍ପର୍କରେ ପଚାରିବାରୁ ସେ କୌଣସି ମନ୍ତବ୍ୟ ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।



ପାଣ୍ଡୁରୀପଥର ଗ୍ରାମରେ ପହଞ୍ଚି ଲୋକପାଳ ତଦନ୍ତ କରୁଛନ୍ତି।

# ଚାରା ରୋପଣ ସହ ଯତ୍ନ ନିଅ

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ)**

ଛାତ୍ରୀଛାତ୍ରଙ୍କୁ ପ୍ରକୃତି ସହ ଯୋଡ଼ିବା ଉଦ୍ଦେଶ୍ୟରେ ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ଜରଡ଼ା ବ୍ରଜମୋହନ ହାଇସ୍କୁଲରେ ଚାରା ରୋପଣ ଓ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳବାୟୁରେ ସ୍ଥିରତା ଆଣିବା ଲକ୍ଷ୍ୟରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ୧୫୦ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଲେଖାଏ ଆମ୍ବ ଗଛ ପ୍ରଦାନ କରାଯାଇଥିଲା। ନିଜ ବାଡ଼ିରେ ଚାରା ଲଗାଇବା ସହ ଯତ୍ନ ନେଇ ବଡ଼ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁ, ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ, ସହକାରୀ ଶିକ୍ଷକ ତରଣୀସେନ ସାହୁ, ମନୋଜ କୁମାର ସାହୁ, ମଦନ କୁମାର ସାହୁ ଏବଂ ଅନୁଷ୍ଠାନର ଦିଲୀପ କୁମାର ସାହୁ ଓ ଶୁଭେନ୍ଦୁ ସାହୁଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରୀଙ୍କୁ ଆମ୍ବ ଗଛ ପ୍ରଦାନ କରାଯାଇଥିଲା।



ଛାତ୍ରୀମାନଙ୍କୁ ଚାରା ପ୍ରଦାନ କରାଯାଇଛି।

## ମାଳତୀ ଚୌଧୁରୀଙ୍କ ଜୟନ୍ତୀ

**ଅନୁଗୋଳ, ୨୭।୭ (ଅମିତ ସାମଲ)**

ଅନୁଗୋଳ ବାଜି ରାଉତ ଛାତ୍ରାବାସ ଶାନ୍ତି ମନ୍ଦିର ପରିସରରେ ନାରୀନେତ୍ରୀ ମାଳତୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଇନ୍ଦିରା ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଶାନ୍ତି ନିକେତନର ପୁରାତନ ଛାତ୍ରୀଛାତ୍ର ସୁଶ୍ରୀ ମନୀଷା ବନ୍ଦୋପାଧ୍ୟାୟ, ଗବେଷକ ଶୁଭମୟ ରାୟ, ସଂଗୀତଜ୍ଞ ଆବୁ ସୟଦ ଏବଂ ଶିକ୍ଷୟିତ୍ରୀ ବର୍ଣ୍ଣାଳୀ ବସୁ ଯୋଗଦେଇ ମାଳତୀ ଦେବୀଙ୍କ ଜନ୍ମ ନିଷ୍ପେସିତ, ଅବହେଳିତ ପାଇଁ ହୋଇଥିଲା ବୋଲି କହିଥିଲେ। ପ୍ରାରମ୍ଭରେ ମାଳତୀ ଦେବୀଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଆନନ୍ଦ ଚନ୍ଦ୍ର ମହାପାତ୍ର, ଡ. ଚୈତନ୍ୟ ସାହୁ, ଦେବୀପ୍ରସନ୍ନ ପୃଷ୍ଟି, ବିଶ୍ୱରଞ୍ଜନ ପ୍ରଧାନ, ଲିପିକା ମହାପାତ୍ର ପ୍ରମୁଖ ମାଳତୀ ଚୌଧୁରୀଙ୍କ ସ୍ମୃତିଚାରଣ କରିଥିଲେ। ଶଶାଙ୍କ ଶେଖର ବାରିକ ସ୍ୱରଚିତ କବିତା ପାଠ କରିଥିଲେ। ନବଜୀବନ ମଣ୍ଡଳର ସମ୍ପାଦକ ମୁରଲୀଧର ମୁଳିଆ ଧନ୍ୟବାଦ ଦେଇଥିଲେ।

# କୁକୁଡ଼ା ଫାର୍ମ ଜମି ଚିକିତ୍ସାଳୟ ପାଇଁ ସଂରକ୍ଷିତ ରହୁ

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସଂଲଗ୍ନ କୁକୁଡ଼ା ଫାର୍ମ ଜମିକୁ ଚିକିତ୍ସାଳୟ ପାଇଁ ସଂରକ୍ଷିତ ରଖିବାକୁ ଜିଲା ଜନଜୀବନ ସୁରକ୍ଷା କମିଟି, ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନଙ୍କ ଏକ ପ୍ରତିନିଧି ଦଳ ଗୁରୁବାର ଅନୁଗୋଳ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ପର୍ଯ୍ୟାୟକ୍ରମେ କୁକୁଡ଼ା ଫାର୍ମ ଜମିକୁ ହସ୍ପିଟାଲକୁ ଦିଆଯିବା ଫଳରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ ହୋଇପାରିଛି। ସହର ଉପକଣ୍ଠସ୍ଥ ପଞ୍ଚମହଲା ଠାରେ ଅନେକ ସରକାରୀ ଜମି ଏହି ଫାର୍ମ ଅଧୀନରେ ବ୍ୟବହାର ହେଉଛି। ଏଣୁ ହସ୍ପିଟାଲ ସଂଲଗ୍ନ ଜମିକୁ ହସ୍ପିଟାଲ ପ୍ରୟୋଜନରେ ବ୍ୟବହୃତ କରାଯିବାକୁ ସାଧାରଣରେ ଦାବି ହୋଇଆସୁଛି। ତେଣୁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସହର ମଧ୍ୟରେ ଥିବା ଏହି ଜମିକୁ ଚିକିତ୍ସାଳୟ ଉଦ୍ଦେଶ୍ୟରେ କେବଳ ବ୍ୟବହାର କରାଗଲେ ଜିଲାବାସୀ ଅନେକ ସୁବିଧା ପାଇପାରିବେ ବୋଲି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା ବରିଷ୍ଠ ନାଗରିକ କୁଞ୍ଜବିହାରୀ ଦାସ, ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ତ୍ରିଲୋଚନ ଜେନା, ତ୍ରେତାନନ୍ଦ ସାମନ୍ତ, ପଠାଣୀ ବାରିହା, ଦାମୋଦର ଦାସ, ନିରୋଦ ଚନ୍ଦ୍ର ପାଳ, ସୁବାସ ପ୍ରଧାନ, ମାନସ ପାଳ ପ୍ରମୁଖ ପ୍ରକାଶ କରିଛନ୍ତି।



ଅନୁଗୋଳ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ବଅଁରପାଳ ଥାନା ଅଞ୍ଚଳରେ ବୁଧବାର ରାତିରେ ଏକ ଦୁର୍ଘଟଣାରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ସତ୍ୟବାନ ଦାସ(୨୭)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ସତ୍ୟବାନଙ୍କ ମାମୁ ପ୍ରବୀଣ କୁମାର ଦାସ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୭୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଅନୁଗୋଳ ଜିଲା ଉପକଣ୍ଠରେ ଥିବା ଏକ ଶିଳ୍ପ ସଂସ୍ଥାରୁ କାର୍ଯ୍ୟ ସାରି ସତ୍ୟବାନ ତାଙ୍କ ମୋଟର ସାଇକେଲ (ନଂ. ଓଡି୦୨ବିଏମ୍-୦୮୦୨)ରେ ଭଡ଼ା ଘରକୁ ଫେରୁଥିବା ବେଳେ ଏକ ଭାରିଯାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ମୃତକଙ୍କ ପରିବାରକୁ ଭେଟିଲେ ସଂଘ କର୍ମକର୍ତ୍ତା



ମୃତକଙ୍କ ପରିବାରକୁ ଭେଟୁଛନ୍ତି ରାଜ୍ୟ ସଂଘ କର୍ମକର୍ତ୍ତା।

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ)**

ଅନୁଗୋଳରେ କାର୍ଯ୍ୟରତ ହୋମ୍‌ଗାର୍ଡ ପ୍ରଫୁଲ୍ଲ କୁମାର ନାୟକ(୪୫)ଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଗୁରୁବାର ଭେଟିଛନ୍ତି ରାଜ୍ୟ ସଂଘ କର୍ମକର୍ତ୍ତା। ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ରାଜ୍ୟ ସଭାପତି ରଞ୍ଜନ କୁମାର ମଲ୍ଲିକ, ସମ୍ପାଦକ ବିଚିତ୍ରାନନ୍ଦ ବିଶ୍ୱାଳ, କଟକ ଜିଲା ସଭାପତି ସୁରେନ୍ଦ୍ର ମଲ୍ଲିକ, ଯାଜପୁର ଜିଲା କୋଷାଧ୍ୟକ୍ଷ ରତିକାନ୍ତ ଦାସ ପ୍ରମୁଖ ମୃତକଙ୍କ ଗ୍ରାମରେ ରାତିରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସଂଘ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ସୂଚନାଯୋଗ୍ୟ, ଗତ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ହୋମଗାର୍ଡ ପ୍ରଫୁଲ୍ଲଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଥିଲା। ସେ ସିକିଲସେଲ୍ ରୋଗରେ ଆକ୍ରାନ୍ତ ଥିବାବେଳେ ଔଷଧ ଖାଇବାକୁ ଟଙ୍କା ପାଇ ନ ଥିଲେ। ୪ ମାସ ହେବ ଦରମା ବନ୍ଦ ହୋଇଥିବାରୁ ସେ ନାନା ସମସ୍ୟାରେ ଗତି କରୁଥିଲେ। ଫଳରେ ଔଷଧ ଖାଇବାକୁ ଟଙ୍କା ନ ଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ସ୍ତ୍ରୀ ଜୟନ୍ତୀ କହିବା ସହ ଏ ନେଇ ଜିଲା ପୋଲିସ କର୍ତ୍ତୃପକ୍ଷଙ୍କ ଉପରେ ଦୋଷ ଲଦିଥିଲେ। ଅନ୍ୟପକ୍ଷରେ ହୋମଗାର୍ଡ ପ୍ରଫୁଲ୍ଲଙ୍କ ମୃତ୍ୟୁ ହେବା ପରେ

### ଅର୍ଥାଭାବରୁ ହୋମଗାର୍ଡଙ୍କ ମୃତ୍ୟୁ ଘଟଣା

ଗୁରୁବାର ସକାଳେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩ ମାସର ଦରମା ବାବଦକୁ ୪୧,୮୧୭ ଟଙ୍କା ପ୍ରଦାନ କରାଯାଇଛି। ଆଉ ଗୋଟିଏ ମାସର ଦରମା ପ୍ରଦାନ କରାଯାଇନାହିଁ। ମାସର ଶେଷ ଆଡ଼କୁ ତାଙ୍କର ଜୀବନ ଯାଇଥିବାରୁ ସେ ଚଳିତମାସରେ କେତୋଟି କାର୍ଯ୍ୟ କରିଛନ୍ତି ତାହାର ହିସାବ ପରେ ପାଉଣା ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିବା ମୃତକଙ୍କ ସ୍ତ୍ରୀ ଜୟନ୍ତୀ ସୂଚନା ଦେଇଛନ୍ତି। ତେବେ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ଏହି ପାଉଣା ପୂର୍ବରୁ ପ୍ରଦାନ କରାଯାଇଥିଲେ ତାଙ୍କ ସ୍ୱାମୀଙ୍କ ଜୀବନ ବଞ୍ଚିଯାଇଥାନ୍ତା ବୋଲି ଜୟନ୍ତୀ କ୍ଷୋଭର ସହ କହିଛନ୍ତି। ଆସନ୍ତା ଅଗଷ୍ଟ ୧୦ ତାରିଖ ସୁଦ୍ଧା ମୃତକଙ୍କ ପରିବାରକୁ ବକେୟା ଦରମା ପ୍ରଦାନ ସହ ଜିଲାରେ କାର୍ଯ୍ୟରତ ଅନ୍ୟ ଗୃହରକ୍ଷୀଙ୍କ ବକେୟା ଦରମା ଓ ମୃତକଙ୍କ ପୁଅକୁ ନିଯୁକ୍ତି ପାଇଁ ସଂଘ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

**ଭୁବନ, ୨୭।୭(ବିପିନ ବିହାରୀ ସେଠୀ):** ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଢେଙ୍କାନାଳ ଜିଲା ଭୁବନ ଥାନା ଚଣ୍ଡୀପାଳ ଗ୍ରାମର ଦୋଳଗୋବିନ୍ଦ ସାହୁ (୮୫)ଙ୍କ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ଗତ ସୋମବାର ଦୋଳଗୋବିନ୍ଦ ତାଙ୍କ ନାତି ଅନିଲଙ୍କ ସହ କୌଣସି କାର୍ଯ୍ୟରେ ଭୁବନ ଆସି ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ଭୂଷଳ-କୀର୍ତ୍ତନପୁର ଛକ ନିକଟରେ ବିପରୀତ ପାର୍ଶ୍ୱରୁ ଆସୁଥିବା ଅସୁରବନ୍ଧପାଟଣାର ସାନୁଜ ବେହେରାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଦୋଳଗୋବିନ୍ଦଙ୍କୁ ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଥାନାରେ ପୃଥକ୍ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଅଗ୍ନି ନିରାପତ୍ତା ସଚେତନତା

**ଢେଙ୍କାନାଳ, ୨୭।୭(ରତନ ନାୟାର):** ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସରରେ ଗୁରୁବାର ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ପାଇଁ ସଚେତନତା କାର୍ଯ୍ୟକ୍ରମ ଓ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଏନ୍‌ସିସି, ସ୍କାଉଟ୍ କ୍ୟାଡେଟ୍ ଏବଂ କ୍ରୀଡ଼ାବିତ୍ ପ୍ରମୁଖ ୨୦୦ ଜଣ ଅଂଶଗ୍ରହଣ କରିଥିଲେ। ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ପ୍ରାକ୍ ପ୍ରସ୍ତୁତି, ମୁକାବିଲା ଏବଂ ପରବର୍ତ୍ତୀ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ ସାମଲ ଜଣାଇଛନ୍ତି।

### ଅମିତା ସଭାନେତ୍ରୀ, କବିତା ସମ୍ପାଦିକା

**ଢେଙ୍କାନାଳ, ୨୭।୭(ରତନ ନାୟାର):** ଢେଙ୍କାନାଳ ଜିଲା ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ମାତୃଭାରତୀ ଗଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ବିଦ୍ୟାଳୟର ଉପସଭାପତି ସନ୍ତୋଷ କୁମାର ବେହେରା ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସୌମ୍ୟରଞ୍ଜନ ବେହେରା, କୋଷାଧକ୍ଷ ସନ୍ତୋଷ ମହାଭୋଇ ଉପସ୍ଥିତ ଥିଲେ। ନବଗଠିତ ମାତୃ ଭାରତୀର ସଭାନେତ୍ରୀ ଭାବେ ଅମିତା ବେହେରା, ସମ୍ପାଦିକା କବିତା ବେହେରା, ମାତୃଭାରତୀ ପ୍ରମୁଖ ବିଷ୍ଣୁପ୍ରିୟା ନାୟକ, ସହପ୍ରମୁଖ ମୀନାକ୍ଷୀ ସାହୁ, ଉପସଭାନେତ୍ରୀ ଭାବେ ଗୀତାଞ୍ଜଳି ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସ୍ୱଚ୍ଛତା ପ୍ରମୁଖ ଭାବେ ରୁବିଦା ନନ୍ଦ, ସହ ପ୍ରମୁଖ ରୁଜିନା ପୃଷ୍ଟି, ଭୋଜନ ଜଳପାନ ପ୍ରମୁଖ ଦୟମନ୍ତୀ ପାତ୍ର, ବାଳିକା ଶିକ୍ଷା କବିତା ସାହୁ, ଉଦ୍ୟାନ ପ୍ରମୁଖ ନନ୍ଦିନୀ ଦେହୁରୀ, ସାଜସଜ୍ଜା ପ୍ରମୁଖ ମମତାମୟୀ ରାଉତ, ସହ ପ୍ରମୁଖ ଲୋରା ରାଉତ, ସମ୍ପର୍କ ପ୍ରମୁଖ ନମିତା ପଣ୍ଡା, ପ୍ରଚାର ପ୍ରସାର ସୁଭଦ୍ରା ରାଉତ, ସହପ୍ରମୁଖ ରୁଜା ଶତପଥୀ ଓ କାର୍ଯ୍ୟକ୍ରମ ପ୍ରମୁଖ ଅନ୍ନପୂର୍ଣ୍ଣା ସେଠୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କ୍ଷୀରାବ୍ଧି ତନୟା ଆଚାର୍ଯ୍ୟ ଓ ସସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ନିର୍ମାଣାଧୀନ ଘରୁ କବାଟ ଚୋରି

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ):** ଅନୁଗୋଳ ଜିଲା କୋଲିୟରୀ ଥାନା ଜଗନ୍ନାଥପୁରରୁ ଚୋରି ହୋଇଛି। ଏ ନେଇ ରବି ନାଏକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୭୦/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ରବିଙ୍କର ଏକ ନୂତନ ଘର ନିର୍ମାଣ ଚାଲିଛି। ସେ ଘରେ ଲଗାଇବାକୁ ଏକ କବାଟ ଆଣି ରଖିଥିଲେ। କେହି ଦୁର୍ବୃତ୍ତ ଏହାକୁ ଚୋରି କରି ନେଇଥିବା ସେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

### ଗଛରେ ବାନ୍ଧି ଯୁବକଙ୍କୁ ଆକ୍ରମଣ

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ):** ଅନୁଗୋଳ ସଦର ଥାନା କୁମଣ୍ଡ ଗ୍ରାମର ଜଣେ ଯୁବକଙ୍କୁ ଗଛରେ ବାନ୍ଧି ନିର୍ଘୃମ୍ ମାଡ଼ ମରାଯାଇଛି। ଏ ନେଇ କୁମଣ୍ଡ ଅଞ୍ଚଳର ଭୀଷ୍ମ ନାଏକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୨୭/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଭୀଷ୍ମ ଘରେ ଶୋଇଥିବା ସମୟରେ କେତେଜଣ ଯୁବକ ଆସି ତାଙ୍କୁ ବାହାରକୁ ନେଇ ଯାଇଥିଲେ। ଏହାପରେ ଘର ନିକଟ ଗଛରେ ବାନ୍ଧି କାଚ ବୋତଲ ଓ ବାଡ଼ିରେ ଆକ୍ରମଣ କରିଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ‘ସାପ ଦେଖିଲେ ସୂଚନା ଦିଅ’

## ସଚେତନ ହେଲେ କମିବ ସାପକାମୁଡ଼ା ମୃତ୍ୟୁ


କର୍ମଶାଳାରେ ଅତିଥିମାନେ ସୂଚନା ଦେଉଛନ୍ତି।

**ଢେଙ୍କାନାଳ, ୨୭।୭(ରତନ ନାୟାର)**

ଢେଙ୍କାନାଳ ‘ଆୱାର୍ଡ ପରିବାର’ର ବନ୍ୟଜୀବ ଓ ସାପ ଉଦ୍ଧାରକାରୀ ଦଳ ତରଫରୁ ଭୁବନ ବାରୁଆଁ (ଖ) ଗ୍ରାମସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ମହାବିଦ୍ୟାଳୟ ଏବଂ ସିମିଳିଆସ୍ଥିତ ମଧୁସୂଦନ ଆବାସିକ ହାଇସ୍କୁଲରେ ସାପ କାମୁଡ଼ା ପ୍ରତିରୋଧୀ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାପକୁ ନେଇ ଅଦ୍ୟାବଧି ଲୋକଙ୍କ ମାନସିକତା ବଦଳିନାହିଁ। ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ସରୀସୃପ ପ୍ରଜାତିର ସୁରକ୍ଷା ଲାଗି ଆଗେଇ ଆସିବା ଏବଂ ବିଷଧର ସାପ ଦେଖିଲେ କ୍ଷତି ନ ପହଞ୍ଚାଇ ଉଦ୍ଧାରକାରୀ ଦଳକୁ ସୂଚନା ଦେବାକୁ ଆହ୍ୱାନ ଦିଆଯାଇଛି। ଶ୍ରୀ ବାଲୁଙ୍କେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ରବିନାରାୟଣ ସାହୁ ଅଧକ୍ଷତାରେ ଆୟୋଜିତ ସଭାରେ ଭୁବନ ରେଞ୍ଜ୍ ସଂଯୋଜକ ବିକାଶ କୁମାର ଜେନା ଯୋଗଦେଇ ଜିଲାରେ ଦେଖାଯାଇଥିବା ସର୍ପଙ୍କ ବିଷୟରେ ସୂଚନା ଦେଇଥିଲେ। ବରିଷ୍ଠ ଅଧାପକ ମନୋଜ କୁମାର, ଅଶୋକ ବେହେରା, ଅଶୋକ ବାରିକ, ସ୍ୱୟଂପ୍ରଭା ମହାକୁଡ଼, ଛାୟାକାନ୍ତ ବେହେରା, ନୃସିଂହ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ମଧୁସୂଦନ ଆବାସିକ ଉଚ୍ଚ ବିଦ୍ୟାଳୟର ଆୟୋଜିତ ସଚେତନତା ସଭାରେ ସର୍ପ ବିଶେଷଜ୍ଞ ସୌମ୍ୟଜିତ୍ ରଥ ଯୋଗଦେଇ ସାପ କାମୁଡ଼ାର କାରଣ, ପ୍ରତିକାର ଏବଂ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ମତ ରଖିଥିଲେ। ଚିତି ସାପ କାମୁଡ଼ାରେ ମୃତ୍ୟୁସଂଖ୍ୟା ଅଧିକ। ତେଣୁ ବର୍ଷାଦିନେ ଖଟ ଉପରେ ଶୋଇବା, ଅନ୍ଧାରରେ ଯିବା ଆସିବା କରିବା ସମୟରେ ଟର୍ଚ୍ଚ ବ୍ୟବହାର କରିବା, ଘର ଆଖପାଖକୁ ପରିଷ୍କାର ରଖିବାକୁ ସେ ପରାମର୍ଶ ଦେଇଥିଲେ। ଆୱାର୍ଡ଼ ସମ୍ପାଦକ ତଥା ସାପ ଉଦ୍ଧାରକାରୀ ଦଳର ଜିଲା ସଂଯୋଜକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ କହିଲେ, ଜିଲାରେ ୯୨ ପ୍ରଜାତିର ସାପ ଅଛନ୍ତି। ତନ୍ମଧ୍ୟରୁ ମାତ୍ର ୮ ପ୍ରଜାତି ବିଷାକ୍ତ। ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ, ଭ୍ରାନ୍ତ ଧାରଣା କାରଣରୁ ସାପକାମୁଡ଼ା ମୃତ୍ୟୁ ବଢୁଛି। ସାପ କାମୁଡ଼ିବାର ୧ ଘଣ୍ଟା ମଧ୍ୟରେ ଡାକ୍ତରଖାନାରେ ପହଞ୍ଚିଲେ ଜଣେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିପାରିବେ। ଅନୁଗୋଳ ଜିଲାର ସାମାଜିକ ସଙ୍ଗଠନ ‘ସାଥୀ ପରିବାର’ ଏବଂ ଅଭିଜ୍ଞ ସର୍ପ ବିଶେଷଜ୍ଞଙ୍କୁ ନେଇ ସମସ୍ତ ଶିକ୍ଷାନୁଷ୍ଠାନ, ସର୍ପ ବହୁଳ ଅଞ୍ଚଳରେ କର୍ମଶାଳା ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କର୍ମଶାଳାରେ ସୂର୍ଯ୍ୟକାନ୍ତ ବେହେରା, ଶିଶିରକାନ୍ତ ସାହୁ, ଶଙ୍କର ନାୟକ, ରାଜେଶ ନାୟକ, ତରଣୀ ନାୟକ, ଦୀପକ ବେହେରା, ଭୁବନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟା ସ୍ୱପ୍ନା ଜେମ୍ସ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ମୃତ, ୩ ଗୁରୁତର

## ବାଇକ୍‌କୁ ଧକ୍କା ଦେଲା ବୋଲେରୋ

**ଭୁବନ, ୨୭।୭(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ବାଉଁଶକଣ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଦ୍ରୁତଗାମୀ ବୋଲେରୋ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁକିନ୍ଦା ଥାନା ହରିଡ଼ାବାହାଳ ଗ୍ରାମର ବାସନ୍ତୀ ଗାଗରାଇ (୨୫)। ଏଥିରେ ତାଙ୍କ ସ୍ୱାମୀ ରଡିଆ ଗାଗରାଇ (୨୯), ଝିଅ ବେବି ଗାଗରାଇ (୫) ଏବଂ ଗ୍ରାମର ଜଣେ ସମ୍ପର୍କୀୟ ଗଣେଶ ପୂର୍ତ୍ତି (୩୩) ଗୁରୁତର ହୋଇଛନ୍ତି। ଭୁବନ ମେଡିକାଲରେ ସମସ୍ତଙ୍କ ଚିକିତ୍ସା ଚାଲିଛି।

ସୂଚନାଯୋଗ୍ୟ, ଗଁଦିଆ ଥାନା ବରପାଳ ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ସମବେଦନା ଜଣାଇବାକୁ ସମ୍ପୃକ୍ତ ୪ଜଣ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେମାନେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବାଉଁଶକଣ ଛକ ନିକଟରେ ଉକ୍ତ ବୋଲେରୋ ପଛପଟୁ ଧକ୍କା ଦେଇ ପଳାଇଥିଲା।



ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ବାସିନ୍ଦା ୧୦୮ ଆମ୍ବୁଲାନ୍ସ ସହାୟତାରେ ସମସ୍ତଙ୍କୁ ଭୁବନ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାସନ୍ତୀଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣା ସ୍ଥଳ ଏବଂ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# ଚାରା ରୋପଣ ଏକ ମହତ କାର୍ଯ୍ୟ




**କଣିହାଁ, ୨୭।୭(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ଉତ୍କଳ ସାମ୍ବାଦିକ ସଂଘ ଅନୁଗୋଳ କଣିହାଁ ଶାଖା ତରଫରୁ ଗୁରୁବାର ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ ରଞ୍ଜିତା ବେହେରା, ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ, ଅଗ୍ନିଶମ ବିଭାଗ ଅଧିକାରୀ ଭ୍ରହ୍ମରବର ମହାନ୍ତି, ଆଇନଜୀବୀ ତ୍ରିପୁରାରୀ ପ୍ରଧାନ, ଶିକ୍ଷକ ପ୍ରଶାନ୍ତ ବେହେରା, ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ସାହୁ, ଦେବେନ୍ଦ୍ର ବାରିକ, ହେମନ୍ତ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ବୃକ୍ଷରୋପଣ ଏକ ମହତ୍ କାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂଘ ସଭାପତି କଷ୍ଟୁ ସାମଲ, କାର୍ଯ୍ୟକର୍ତ୍ତା ଟୁନା ସାହୁ, ଅଲେଖ ଭୁତିଆ, ଜ୍ୟୋତି ରଞ୍ଜନ ଧର, ସଚ୍ଚିଦାନନ୍ଦ ପ୍ରଧାନ, ମହେଶ୍ୱର ନାଏକ, ଶିଶିର ସାମଲ, ବବୁଲ ପ୍ରଧାନ ସହଯୋଗ କରିଥିଲେ। କଣିହାଁ ଅଗ୍ନିଶମ ବିଭାଗ ଓ ବନବିଭାଗ କର୍ମଚାରୀଙ୍କ ସହଯୋଗରେ ଶତାଧିକ ଫଳ ଓ ଅନ୍ୟାନ୍ୟ ଚାରା ରୋପଣ କରାଯାଇଥିଲା।

# ପଞ୍ଚାୟତ ପ୍ରତିନିଧିଙ୍କୁ ଦକ୍ଷତା ବିକାଶ ତାଲିମ

**ତାଳଚେର, ୨୭।୭(ମନୋଜ ନନ୍ଦ)**

ତାଳଚେର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହଠାରେ ଅନୁସୂଚିତ ଜନଜାତି ବର୍ଗର ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରକୁ ବିଡିଓ ଚିନ୍ମୟୀ ଚେତନା ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଏସ୍‌ସି/ଏସ୍‌ଟି ବିଭାଗର ସହାୟିକା ନିର୍ଦ୍ଦେଶିକା ମଧୁସ୍ମିତା ସାହୁ ଯୋଗଦେଇ ପଞ୍ଚାୟତ ପ୍ରତିନିଧିଙ୍କ ଦାୟିତ୍ୱ, କାର୍ଯ୍ୟ ଶୈଳୀ, ମୂଲ୍ୟବୋଧ ଦକ୍ଷତା ବିକାଶ ସମ୍ପର୍କରେ ବୁଝାଇଥିଲେ। ମଙ୍ଗଳ ବିଭାଗ ଦ୍ୱାରା ନିୟୋଜିତ ପ୍ରଶିକ୍ଷକମାନେ ସବିଶେଷ ତଥ୍ୟ ଉପସ୍ଥାପନ ପୂର୍ବକ ତାଲିମ ଦେଇଥିଲେ। ପ୍ରାରମ୍ଭରେ ବ୍ଲକ ମଙ୍ଗଳ ବିଭାଗ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ ସହାୟକ ବିନୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବଅଁରପାଳ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ ସହାୟକ ଧନ୍ୟବାଦ ପ୍ରଦାନ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

# ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ଯୋଗଦାନ

**କାମାକ୍ଷାନଗର, ୨୭।୭(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ନୂତନ ଅଧିକାରୀ ଭାବେ ଭେଷଜ ବିଶେଷଜ୍ଞ ଡାକ୍ତର ଦିଗାମ୍ବର ସାହୁ ଗୁରୁବାର ଯୋଗଦେଇଛନ୍ତି। ଏହି ପଦବୀ ସମ୍ଭାଳୁଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ସୁବାସ ଚନ୍ଦ୍ର ମଣ୍ଡଳ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କାର୍ଯ୍ୟରେ ଯୋଗଦାନ ପରେ ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସାହୁ ବିଭିନ୍ନ ୱାର୍ଡ, ଲାବୋରେଟୋରି ପରିଦର୍ଶନ କରି ସମସ୍ୟା ବୁଝିଥିଲେ। ଡାକ୍ତରଖାନାରେ କିଭଳି ଚିକିତ୍ସା ସେବା ଯୋଗାଇ ଦିଆଯାଉଛି, ତାହା ପଚାରି ବୁଝିଥିଲେ। ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବାରେ ସୁଧାର ଅଣାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଡାକ୍ତର ସିଦ୍ଧାର୍ଥ ବେଉରା, ଡାକ୍ତର ମିଥୁନ ମେହେର, ବରିଷ୍ଠ ଟେକ୍ନିସିଆନ ବିଜୟ ସେନାପତି, ପରିଚାରିକା ରଶ୍ମିତା ସାମଲଙ୍କ ସମେତ ସମସ୍ତ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଧିକାରୀ ପଦବୀ ୩ବର୍ଷ ହେଲା ଖାଲି ପଡ଼ିଥିଲା। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ମଣ୍ଡଳ ଏହି ଦାୟିତ୍ୱ ତୁଲାଉଥିଲେ। ଏଥିପୂର୍ବରୁ ଭେଷଜ ବିଶେଷଜ୍ଞ ଡାକ୍ତର ସାହୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିଲେ।


ଉପଖଣ୍ଡ ଚିକିତ୍ସାଳୟର ନୂତନ ଅଧିକାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

# ହାଇସ୍କୁଲ ପରିସରରେ ଚାରା ରୋପଣ

**ବଇଣ୍ଡା, ୨୭।୭(ପରିକ୍ଷିତ ସାହୁ)**

କିଶୋରନଗର ହାଇସ୍କୁଲ ପରିସରରେ ବୁଧବାର ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ବିହାରୀ ବେହେରା, ସମ୍ମାନିତ ଅତିଥି ଆସିଷ୍ଟାଣ୍ଟ ଇଞ୍ଜିନିୟର ଚିତ୍ତରଞ୍ଜନ ଶତପଥୀ, ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଧଉରାପାଲି ପଞ୍ଚାୟତ ତରଫରୁ ଚାରା ଯୋଗାଇ ଦିଆଯାଇଥିଲା। ୟୁକୋ କ୍ଲବ ବିଭାଗ ଶିକ୍ଷକ ପ୍ରସନ୍ନ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଚାରା ଲଗାଇଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ସୋମାଞ୍ଜଳି ସାହୁ, ସୁନୀଲ ଦଳାଇ, ଜାଗ୍ରତ ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ହେମନ୍ତ ପ୍ରଧାନ, ସତ୍ୟକାମ ପ୍ରଧାନଙ୍କ ସମେତ ସ୍କୁଲର ଶିକ୍ଷକ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।


ହାଇସ୍କୁଲ ପରିସରରେ ଚାରା ରୋପଣ କରାଯାଉଛି।

# ବନ ମହୋତ୍ସବ ହିଁ ପ୍ରକୃତ ମହୋତ୍ସବ

**ଅନୁଗୋଳ, ୨୭।୭ (ଅମିତ କୁମାର ସାମଲ)**

ଅନୁଗୋଳ ସରକାରୀ କନିଷ୍ଠ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ ବନମହୋତ୍ସବ ଉପଲକ୍ଷେ ଏକ ବିଶାଳ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରାଧ୍ୟାପକ ଗଙ୍ଗାଧର କର ଜୀବଜଗତ ପାଇଁ ବୃକ୍ଷର ନିତାନ୍ତ ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀମାନଙ୍କୁ ଉଦବୁଦ୍ଧ କରାଇବା ସହ ଯତ୍ନ ନେବା ପାଇଁ ଆହ୍ୱାନ କରିଥିଲେ। ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଚିତ୍ତରଞ୍ଜନ ସାହୁ ଚାରା ହିଁ ପରିବେଶ ସନ୍ତୁଳନରେ ସହାୟକ ବୋଲି ମତ ରଖିଥିଲେ। ପରେ କଲେଜ ପରିସରରେ ଏକ ଶୋଭାଯାତ୍ରା କରାଯାଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଚାରା ରୋପଣ କରିବା ପାଇଁ ଶପଥ ପାଠ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ, ଏନ୍‌ଏସ୍‌ଏସ୍ ଅଧ୍ୟାପକ ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ସହାୟକ କର୍ମଚାରୀ ଅର୍ଦ୍ଧେନ୍ଦୁ ମଲ୍ଲିକ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଚାରା ସହ ଛାତ୍ରୀଛାତ୍ରମାନେ।

# ଅସରାଏ ବର୍ଷାରେ ଆଣ୍ଠୁଏ ପାଣିର ସୁଅ


ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଣି ଜମିଛି।

**କାମାକ୍ଷାନଗର, ୨୭।୭(ସୁଧୀର ପରିଡ଼ା)**

## ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହିତାଧିକାରୀ ହୀନସ୍ତା

ଗୁରୁବାର ମଧ୍ୟାହ୍ନରେ ହୋଇଥିବା ଅସରାଏ ବର୍ଷା କାମାକ୍ଷାନଗର ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ସୃଷ୍ଟି କରିଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଅନୁଷ୍ଠାନର ଫାଟକ ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ପାଣିର ସୁଅ ଚାଲିବା ସହରର ଡ୍ରେନେଜ୍ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି।

ଚଳିତ ଲଘୁଚାପଜନିତ ଲଗାଣ ବର୍ଷାରେ କାମାକ୍ଷାନଗର ସହରବାସୀ ନାହିଁ ନ ଥିବା ହନ୍ତସନ୍ତ ହେଉଛନ୍ତି। କାରଣ ଅଧିକାଂଶ ସ୍ଥାନରେ ଡ୍ରେନେଜ୍ ବ୍ୟବସ୍ଥା ଫେଲ୍ ମାରିଛି। ଗୁରୁବାର ମଧ୍ୟାହ୍ନରେ ଅଧଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଛାଡ଼ିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟ ଜଳାର୍ଣ୍ଣବ ହୋଇପଡ଼ିଥିଲା। ଫଳରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଏହା ପରିସରରେ ଥିବା ବ୍ଲକ କାର୍ଯ୍ୟାଳୟ, ସିଡିପିଓଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟକୁ ବିଭିନ୍ନ ଜରୁରୀ କାର୍ଯ୍ୟରେ ଆସିଥିବା ହିତାଧିକାରୀ ହନ୍ତସନ୍ତ ହୋଇଥିଲେ।

ଅନ୍ୟପଟେ ଏ ସମ୍ପର୍କରେ ସୂଚନା ପାଇବା ପରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ପାଣି ଜମିଥିବା ସ୍ଥାନ ପରିଦର୍ଶନ କରିଛନ୍ତି। ଏଥିସହ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୭୫ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ବଅଁରପାଳ, ୨୭।୭(ଉପେନ୍ଦ୍ର ରାଉତ)**

ସରସ୍ୱତୀ ବିଦ୍ୟାମନ୍ଦିର ନାଲ୍‌କୋନଗର ଅନୁଗୋଳଠାରେ ଅଧକ୍ଷ ଡ. ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଇଡି (ଏସ୍‌ଆଣ୍ଡପି) ଅମୀୟ କୁମାର ସ୍ୱାଇଁ, ଜିଏମ (ଏସ୍‌ଆଣ୍ଡପି) ତପନ ପଟ୍ଟନାୟକ, ଜିଏମ୍ (ଫାଇନାନ୍ସ) ପ୍ରଶାନ୍ତ କୁମାର ତ୍ରିପାଠୀ, ଡିଜିଏମ (ସିପିପି) ସୁନୀଲ ମହାପାତ୍ର, ଶିକ୍ଷାବିକାଶ ସମିତି ଓଡ଼ିଶା ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ପାଣିଗାହୀ, ଅଶ୍ୱିନୀ କୁମାର ନାୟକ, ବିରଞ୍ଚି ନାରାୟଣ ମହାପାତ୍ର, ବିଦ୍ୟାଳୟ ସମ୍ପାଦକ ପ୍ରଭାତ ଧର ଉପସ୍ଥିତ ଥିଲେ। ମେଳାରେ ୭୫ ବିଜ୍ଞାନ ପ୍ରକଳ୍ପ, ୧୩ ଗଣିତ ପ୍ରକଳ୍ପ ଏବଂ ୬୧ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ, ବିଜ୍ଞାନ, କୁଇଜ୍, ବିଜ୍ଞାନ ସେମିନାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ବିଭାଗ ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା କୁମାରୀ ଧର ବିଜ୍ଞାନ ମେଳାର ବିବରଣୀ ପାଠ କରିଥିଲେ।

